● ଟଙ୍କା ହେରଫେର୍ ଅଭିଯୋଗ

## ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ

ସାନଖେମୁଣ୍ଡି,୧୨।୪(ସମିସ): କୋଟି କୋଟି ଟଙ୍କା ହେରଫେର ଅଭିଯୋଗରେ ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ମନରେଗା ଯୋଜନାରେ ଏହି ଟଙ୍କା ହେରଫେର ହୋଇଛି। କେଉଁଠି କାମ ନ ହୋଇ ମିଛ ବିଲ ହୋଇଛି ତ କେଉଁଠି ଗୋଟିଏ ପ୍ରକଳ୍ପରେ ୫ଥର ବିଲ ହୋଇଛି। ରାସ୍ତାଠାରୁ ନେଇ ପୋଖରୀ ଉନ୍ନତିକରଣ, ଚେକଡ୍ୟାମ ଓ କେନାଲ ନିର୍ମାଣ ନାଁରେ କୋଟି କୋଟି ଟଙ୍କା ଚଳୁ ହୋଇଛି। ଯାଞ୍ଚ ନ ହୋଇ ମିଛ ମଷ୍ଟର ରୋଲ୍ ତିଆରି ହୋଇଛି। ୧୫ ଦିନ ଭିତରେ ସନ୍ତୋଷଜନକ ଉତ୍ତର ତଥ୍ୟ ସହ ଦେଇ ନ ପାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟରୁ ସ୍ୱତନ୍ତ୍ର ଟିମ୍ ଆସି ତଦନ୍ତ କରିଥିଲେ। ତଦନ୍ତରେ ଅଭିଯୋଗ ସତ ଜଣାପଡ଼ିଥିଲା। କାମ ଗୁଡ଼ିକ ମଧ୍ୟରେ ପାଟପୁର ପଞ୍ଚାୟତ ରାମକୃଷ୍ଣ ନଗର ଦ୍ୱିତୀୟ ଲେନ ରାସ୍ତା, ପଳାସପୁର ଡ୍ୟାମ ରାସ୍ତା, ବସଷ୍ଟାଣ୍ଡ ଶାସନ ଠାରୁ ପଳାସପୁର ଡ୍ରେନ, ପାଣି ଟାଙ୍କି ଠାରୁ ଲୋକନାଥେଶ୍ୱର ମନ୍ଦିର ରାସ୍ତା ଭଳି ବିଭିନ୍ନ କାମ କଥା ଉଲ୍ଲେଖ ରହିଛି। ଅପରପକ୍ଷେ ଯେଉଁ କାମ ଗୁଡ଼ିକ ବିନା ଫଳକରେ ଆରମ୍ଭ ନ କରି ବିଲ୍ କରାଯାଇଥିଲା ସେହି କାମ ଗୁଡ଼ିକ ବର୍ତ୍ତମାନ ଚାଲୁ ରହିଥିବା ବେଳେ ନୂତନ ଭାବେ ଫଳକ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି।

## ବ୍ରହ୍ମେଶ୍ୱରଙ୍କ ପୁଷ୍କରିଣୀ ପ୍ରତିଷ୍ଠା ଉତ୍ସବ



କୁକୁଡାଖଣ୍ଡି,୧୨।୪(ସମିସ): କୁକୁଡାଖଣ୍ଡି ବ୍ଲକ ବଉଳଝୋଳି ପଞ୍ଚାୟତ ଅନ୍ତର୍ଗତ ବଳରାମପଲ୍ଲୀ ଗ୍ରାମରେ ବ୍ରହ୍ମେଶ୍ୱର ମହାଦେବଙ୍କ ପବିତ୍ର ପୁଷ୍କରିଣୀ ପ୍ରତିଷ୍ଠା ଉତ୍ସବ ଜାରି ରହିଛି। ଏହି ପ୍ରତିଷ୍ଠା ଉତ୍ସବ ଅବସରରେ ଭକ୍ତମାନଙ୍କ ପାଇଁ ନିୟମିତ ପୂଜାପାଠ, ଯଜ୍ଞ, ହୋମ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏହି ପବିତ୍ର ଅବସରରେ ମା'ଙ୍କ ଆଶୀର୍ବାଦ ଲାଭ ପାଇଁ ଅନେକ ଭକ୍ତ ଯୋଗ ଦେଉଛନ୍ତି। ଶେଷ ଦିନରେ ପ୍ରସାଦ ବଣ୍ଟନ ସହ ଭକ୍ତ ମାନଙ୍କ ପାଇଁ ମହାଭୋଗର ବ୍ୟବସ୍ଥା ରହିଛି।

## ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ଧରାକୋଟ,୧୨।୪(ସମିସ): ଧରାକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଧରାକୋଟ ନିକଟସ୍ଥ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଞ୍ଜାମ ଜିଲ୍ଲା ସଭାପତି ସାରଥୀ ପାତ୍ର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସଂଯୋଜକ ଦେବବ୍ରତ ପଟ୍ଟନାୟକ, ହିଞ୍ଜିଳିକାଟୁ ବ୍ଲକ ସଭାପତି ଉଲ୍ଲାସ ବେହେରା ଓ ଆସିକା ବ୍ଲକ ସମ୍ପାଦକ ଅର୍ଜ୍ଜୁନ ନାହାକ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ। ଏଥିରେ ବ୍ଲକର ଓ ପିଏସ୍ ସଙ୍ଘର କର୍ମକର୍ତ୍ତା, ଏନ୍‌ପିଏସ ସଙ୍ଘର କର୍ମକର୍ତ୍ତା, ଏକ୍ସ କ୍ୟାଡର ସଙ୍ଘର କର୍ମକର୍ତ୍ତା, ସ୍କେମାଟିକ ସଙ୍ଘର କର୍ମକର୍ତ୍ତାଙ୍କ ସମେତ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷକମାନଙ୍କ ସମସ୍ୟା ପ୍ରତି ଦୃଷ୍ଟିପାତ କରି ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଉପସ୍ଥିତ ଶିକ୍ଷକ ମାନଙ୍କ ସର୍ବସମ୍ମତି କ୍ରମେ ଧରାକୋଟ ବ୍ଲକ ସଭାପତି ଭାବେ ଅରୁଣ କୁମାର ପଟ୍ଟନାୟକ, ଉପସଭାପତି ଭାବେ ଭାସ୍କର ବାଡ଼ତ୍ୟା ଓ ସ୍ୱପ୍ନାରାଣୀ ବେହେରା, ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ଭାବେ ବସନ୍ତ କୁମାର ବିଷୋୟୀ, ଦମୟନ୍ତୀ ଦାସ, ବାଇନାଥ ସାହୁ, ଜିଲ୍ଲା ସଦସ୍ୟ ଭାବେ ସନ୍ତୋଷ କୁମାର ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ କାଳୁ ଚରଣ ଗୌଡ଼ ଏବଂ ସଂଯୋଜକ ଭାବେ ରବୀନ୍ଦ୍ର ନାଥ ପୋଲାଇ ମନୋନୀତ ହୋଇଥିଲେ। ଆବାହକ ଭାବରେ ପୂର୍ବତନ ସଭାପତି ଶୁକ୍ରୁ ବେହେରା ଓ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ସଭାର ଆୟୋଜକ ଥିଲେ।

### ବସ୍ ସେବା ପାଇଁ ତିନି ଗ୍ରାମବାସୀ ଏକାଠି

# ମୁଖ୍ୟମନ୍ତ୍ରୀ ବସ୍‌କୁ ୨ ଘଣ୍ଟା ଅଟକାଇଲେ

ପାତ୍ରପୁର,୧୨।୪(ସମିସ):



ବ୍ଲକ ମୁଖ୍ୟାଳୟ ସହ ଗ୍ରାମକୁ ସଂଯୋଗ କରିବା ପାଇଁ ପୂର୍ବ ସରକାର ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ। ସମସ୍ତ ଗ୍ରାମକୁ ବସ୍ ସେବା ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ଥିଲା। ହେଲେ ବସ ସେବାକୁ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା ଗ୍ରାମକୁ ବସ ନଆସିବାରୁ ସୁନାଖଳା, ବନମାଳୀପୁର ଓ ମଦନପୁର ୩ଖଣ୍ଡ ଗ୍ରାମବାସୀ ବସ୍‌କୁ ୨ ଘଣ୍ଟା ଅଟକ ରଖିଥିବା ଜଣାପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସୀମାନ୍ତ ପାତ୍ରପୁର ବ୍ଲକ ଗୁଣ୍ଡରା ପଞ୍ଚାୟତରେ। ଗ୍ରାମବାସୀଙ୍କ କହିବା ପ୍ରକାରେ ନିର୍ଦ୍ଦିଷ୍ଟ ରୁଟ୍‌ରେ ବସ ଚଳାଚଳ କରୁଥିବା ବେଳେ ଉକ୍ତ ରାସ୍ତା ସାମାନ୍ୟ ବର୍ଷା ହେଲେ ବସ୍ ଯିବା ସମ୍ଭବ ହୋଇପାରୁନାହିଁ। ସେହି ସମୟରେ ବସ୍ ଆମ ଗ୍ରାମ ଦେଇ ଯିବା ଆସିବା କରେ। ହେଲେ ଅନ୍ୟ ଦିନରେ ଆମ ଗ୍ରାମକୁ ଆସୁ ନ ଥିବା ବେଳେ ଗ୍ରାମବାସୀ ଜନଶୁଣାଣି ଠାରୁ ଆରମ୍ଭ ଅନେକ ଥର ପ୍ରଶାସନକୁ ଅନୁରୋଧ କରିଥିଲେ। କୌଣସି ସୁଫଳ ମିଳିନଥିବା ବେଳେ ଆଜି ବସ୍‌କୁ ଅଟକ ରଖିଥିଲେ। ଦୀର୍ଘ ସମୟ ବସଟି ଅଟକ ରହିଥିବା ବେଳେ ଖବର ପାଇ ଜରଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ବସ୍ ସୁପରଭାଇଜର ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଏକ ମାସ ସମୟ ମାଗିଥିବା ବେଳେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

## କବିସୂର୍ଯ୍ୟ ସ୍ମୃତି ପରିଷଦର ଆଲୋଚନା ସଭା

ଦିଗପହଣ୍ଡି,୧୨।୪(ସମିସ): ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦ ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। କବିସୂର୍ଯ୍ୟ ବଳଦେବ ରଥ ତତ୍କାଳୀନ ବଡ଼ଖେମୁଣ୍ଡିର ଯୋଗଜନ୍ମା ପୁରୁଷ। ତାଙ୍କ ତିରୋଧାନ ଦିବସ ଅବସରରେ ଆସନ୍ତା ଏପ୍ରିଲ ୨୦ ତାରିଖ ବୈଶାଖ ମାସ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସ୍ମୃତି କମିଟି ପକ୍ଷରୁ କବିସୂର୍ଯ୍ୟଙ୍କ ଜନ୍ମପୀଠ ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବିଜୟନଗର ଗଡରେ କବିସୂର୍ଯ୍ୟଙ୍କ ଶ୍ରାଦ୍ଧୋତ୍ସବ ମହାସମାରୋହରେ ପାଳନ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ କରାଯାଇଥିଲା। ସେହିପରି ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଆଲୋଚନା କରାଯାଇ ଦିଗପହଣ୍ଡି, କୁକୁଡ଼ାଖଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳର ବହୁବିଧ ବିକାଶ ନିମନ୍ତେ ଗଞ୍ଜାମ ଜିଲ୍ଲା ଗୋପାଳପୁର ଠାରୁ ଭାୟା ବାଲିପଡ଼ା, ଦିଗପହଣ୍ଡି, ଭୀଷ୍ମଗିରି ଦେଇ ରାୟଗଡ଼ା ଜିଲ୍ଲା ସିଙ୍ଗାପୁର ଯାଏଁ ନୂଆ ରେଳ ଲାଇନ୍ ନିର୍ମାଣ, ଜାତୀୟ ଜଳପଥ - ୫କୁ ସମ୍ପ୍ରସାରଣ କରି ଭାୟା ଆସିକା, ଦିଗପହଣ୍ଡି ଦେଇ ପ୍ରସ୍ତାବିତ ଚିକିଟି ବାହୁଦା ବନ୍ଦର ସହ ସଂଯୋଗ କରାଯିବ। ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଦକ୍ଷିଣ ଓଡ଼ିଶା ବିକାଶ ସମିତିର ସଭାପତି ତଥା ଅବସରପ୍ରାପ୍ତ କେନ୍ଦ୍ରୀୟ ପ୍ରଶାସକ ଡ଼. ବାଳକୃଷ୍ଣ ପଣ୍ଡା, କବି ବୃନ୍ଦାବନ ପଣ୍ଡା, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ସମ୍ପାଦକ ଆଲୋକ ବିଷୋୟୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ମିଶ୍ର, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପାଠୀ, ପିତାମ୍ବର ଗୌଡ଼, ପ୍ରଶାନ୍ତ କୁମାର ପାଣି, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଶିବରାମ ପ୍ରଧାନ, ରବିଚନ୍ଦ୍ର ଗୌଡ଼, ସାମାଜିକ କର୍ମୀ ଶୁଭେନ୍ଦୁ ପାଢ଼ୀ, ସୁଜିତ କୁମାର ତ୍ରିପାଠୀ, ଆଇନଜୀବୀ ନକୁଳ ପ୍ରଧାନ, ପି.ଶିବଶଙ୍କର, ବାଲ୍ମୀକି ବେହେରା, ତ୍ରିନାଥ ଗୌଡ଼, ସୀମାଞ୍ଚଳ ଗୌଡ଼ଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।



## ଯୁବକଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ପୋଲସରା,୧୨।୪(ସମିସ): ପୋଲସରା ଥାନା ଅନ୍ତର୍ଗତ ରାଣୀପଡ଼ା ବାଲିବନ୍ଧ ସାହି ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣରାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ କବିସୂର୍ଯ୍ୟନଗର ଥାନା ଡୁଙ୍ଗୁରି ଗ୍ରାମର ହୀନ ଖଟେଇ। ମାର୍ଚ୍ଚ ୨୦ ବିଳମ୍ବିତ ରାତିରେ ଶିବାଜୀ ବାଲିବନ୍ଧ ନିକଟରେ ଥିବାବେଳେ ଦୁଇ ଜଣ ଯୁବକ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଶିବାଜୀଙ୍କୁ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ଏମ୍‌କେସିଜି ନେଇଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଥିଲା।

## ସ୍କୁଟିରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି,୧୨।୪(ସମିସ): ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଳା ଗାଁର ରଙ୍କ ନାଇକ(୭୦) ରବିବାର ସକାଳେ ସ୍କୁଟିରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। କୌଣସି କାମରେ ରଙ୍କ ତାଙ୍କ ସମ୍ପର୍କୀୟ ଚଳାଉଥିବା ସ୍କୁଟି ପଛରେ ବସି ଯାଉଥିବା ବେଳେ ଗାଁରେ ଥିବା ମା' ବାଙ୍କେଶ୍ୱରୀ ମନ୍ଦିର ନିକଟ ପୋଖରୀ ସମ୍ମୁଖ ରାସ୍ତାରେ ପଛ ଚକା ପଙ୍କଚର ହୋଇଯାଇଥିଲା। ଫଳରେ ସ୍କୁଟି ଚାଳକ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ। ରଙ୍କଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ଏତଲା ହେବାପରେ ପୁଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରଙ୍କ ପୂର୍ବରୁ ଦିଗପହଣ୍ଡି ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟକରୁଥିଲେ ମଧ୍ୟ ଗାଁର ବିଭିନ୍ନ ସମସ୍ୟା, ଯାନିଯାତ୍ରାରେ ତାଙ୍କୁ ଲୋଡା ଯାଉଥିଲା।

● ବେଆଇନ ଗୋ-ଚାଲାଣ

## ଟ୍ରକ୍ ସହ ମାଫିଆକୁ ଧରିଲା ପୁଲିସ

ବେଲଗୁଣ୍ଠା,୧୨।୪(ସମିସ): ରବିବାର ଭୋର୍ ୪ଟାରେ ବେଲଗୁଣ୍ଠା ସ୍ଥିତ ବରଗାଁ ରାସ୍ତାରେ ଏକ ଟ୍ରକ୍‌ରେ ପ୍ରାୟ ୩୦ରୁ ଅଧିକ ଗୋରୁଙ୍କୁ ବେଆଇନ ଭାବେ ଚୋରା ଚାଲାଣ କରାଯାଉଥିଲା। ସୂଚନା ପାଇ ବେଲଗୁଣ୍ଠା ପ୍ରଖଣ୍ଡ ବଜରଙ୍ଗ ଦଳର ସଦସ୍ୟମାନେ ଘଟଣାସ୍ଥଳରେ ପହଁଚିଥିଲେ। ଧରାପଡ଼ିବା ଭୟରେ ଗୋ ମାଫିଆ ଡ୍ରାଇଭର ଟ୍ରକ୍ ଭିତରୁ ଗୋମାତା ମାନଙ୍କୁ ବାହାର କରି ରାସ୍ତାରେ ଛାଡ଼ି ଖସିଯିବାକୁ ଚେଷ୍ଟା କରୁଥିବାର ଦେଖାଯାଇଥିଲା। ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ୬ଟି ଗୋରୁ ସହିତ ଟ୍ରକ୍ ଏବଂ ଡ୍ରାଇଭରକୁ ଅଟକ ରଖି ଥାନାକୁ ନେଇ ତଦନ୍ତ ଜାରି ରଖିଛନ୍ତି। ଜବତ ହୋଇଥିବା ୬ଟି ଗୋରୁକୁ ଗାଡି ନେଇ ତନରଡ଼ା ଗୋଶାଳାକୁ ସୁରକ୍ଷିତ ଭାବେ ପଠାଯାଇଛି।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ



ଛତ୍ରପୁର,୧୨।୪(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶିଶୁ ବାଟିକା ଅଭିଭାବକ ମାନଙ୍କ ପ୍ରଶିକ୍ଷଣ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ୨ୟ ସୋପାନ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ରୂପେ ଆୟୁର୍ବେଦ ଡାକ୍ତର ବିଷ୍ଣୁପ୍ରିୟା ସେଠୀ ଯୋଗ ଦେଇ ଶିଶୁ ମନ୍ଦିର ଶିକ୍ଷା ଦ୍ୱାରା ଶିଶୁ କେବେ କୁପଥଗାମୀ ହେବ ନାହିଁ ବୋଲି କହିବା ସହିତ ଶିଶୁ ମାନଙ୍କ ଦୈନନ୍ଦିନ ଜୀବନରେ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାରେ ଅଭିଭାବକ ମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଦକ୍ଷିଣ ପୂର୍ବ ସମ୍ଭାଗ ଶିଶୁବାଟକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ ଯୋଗଦେଇ ସମଗ୍ର ବିକାଶରେ ବାପାମାଆଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସଦସ୍ୟ ରାମପ୍ରସାଦ ପଟ୍ଟନାୟକ, ସଦସ୍ୟା ସୁନିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟା ବି ସୁଶୀଳା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳିଗଲା ୩ ଗୁହାଳ; ୨ ବଳଦ ଜୀବନ୍ତ ଦଗ୍ଧ

ଦିଗପହଣ୍ଡି,୧୨।୪(ସମିସ): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ଟି ଗୁହାଳ ଘର ଜଳିଯାଇଛି। ଏଥିରେ ଗ୍ରାମର ଉଆଳି ଗୌଡ଼ଙ୍କ ୨ଟି ବଳଦ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ଉଆଳି ତାଙ୍କ ବଳଦ ଦୁଇଟିକୁ ଗୁହାଳରେ ବାନ୍ଧି ନିକଟସ୍ଥ କଇଠଖଣ୍ଡି ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୁହାଳରେ ନିଆଁ ଲାଗି ପାଖରେ ଥିବା ଲକ୍ଷ୍ମୀ ଗୌଡ଼ ଏବଂ ନରହରି ଗୌଡ଼ଙ୍କ ଗୁହାଳକୁ ବ୍ୟାପୀ ଥିଲା। ତେବେ ନିଆଁ କିପରି ଲାଗିଲା ତାହା ଅସ୍ପଷ୍ଟ ରହିଛି।। ଗ୍ରାମବାସୀଙ୍କ ଚେଷ୍ଟାରେ ଲକ୍ଷ୍ମୀ ଓ ନରହରିଙ୍କ ଗୃହପାଳିତ ପ୍ରାଣୀ ମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର ହୋଇଥିଲା। କିନ୍ତୁ ନିଆଁର ପ୍ରକୋପରୁ ଉଆଳିଙ୍କ ବଳଦ ଦୁଇଟି ଉଦ୍ଧାର କରାଯାଇ ପାରିନଥିଲା। ସରପଞ୍ଚ ମନୋରଞ୍ଜନ ଗୌଡ଼ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରାଜସ୍ୱ ନୀରିକ୍ଷକ ରାମପ୍ରସାଦ ସାହୁ ଏବଂ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଉଆଳି ଗୌଡ଼ କିଛିଦିନ ପୂର୍ବେ ବଳଦ ଦୁଇଟିକୁ ୪୦ ହଜାର ଟଙ୍କାରେ କିଣିଥିବା ବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଏବଂ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଅଗ୍ନିକାଣ୍ଡରେ ତିନି ବଖରା ପାଉଁଶ

ବେଲଗୁଣ୍ଠା,୧୨।୪(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଟିକରପଡା ମିଲ୍ ସାହିରେ ଅଗ୍ନିକାଣ୍ଡ ଘଟି ତିନିଭାଇ ମିଛା ନାୟକ, ଅନନ୍ତ ନାୟକ ଓ ଅଚ୍ୟୁତ ନାୟକଙ୍କ ୩ ବଖରା ଘର ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିବାବେଳେ ଏହା ବିଦ୍ୟୁତ୍ ସର୍ଟସର୍କିଟରୁ ଘଟିଥିବା ଅନୁମାନ କରାଯାଉଛି। ସମସ୍ତେ ଚାଷୀ ପରିବାର ହୋଇଥିବାରୁ ସମସ୍ତଙ୍କ ଧାନ, ଚାଉଳ, ମୁଗ, ଲୁଗାପଟା ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସମସ୍ତେ ଗରିବ ଚାଷୀ ପରିବାରର ହୋଇଥିବାରୁ ଏମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଯୁବ ସେଚ୍ଛାସେବୀ କୃଷ୍ଣ ସାହୁ ଦାବି କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀଙ୍କ ମୃତ୍ୟୁ

ପୋଲସରା,୧୨।୪(ସମିସ):

ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଡୁଙ୍କାପଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଠିକା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍କାପଡ଼ା ଗ୍ରାମର ସୁଶାନ୍ତ ଗୌଡ଼ (୨୭)। ସୂଚନା ମୁତାବକ ସୁଶାନ୍ତ ଡୁଙ୍କପଡା ହରିଜନ ସାହିରେ ବିଦ୍ୟୁତ୍ ତାର ସଂଯୋଗ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ସ୍ଥାନୀୟ ବାସିନ୍ଦା ଗୁରୁତର ଅବସ୍ଥାରେ ତୁରନ୍ତ ସୁଶାନ୍ତକୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ସଦସ୍ୟ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିବା ବେଳେ ପୋଲସରା ମେଡିକାଲରେ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୁଶାନ୍ତ ପାଖାପାଖି ୧୦ ବର୍ଷ ହେବ ଠିକା କର୍ମଚାରୀ ଭାବେ ବିଦ୍ୟୁତ ବିଭାଗ ଅଧୀନ ଏକ ଠିକା ସଂସ୍ଥାରେ ହେଲ୍ପର ଭାବେ କାମ କରି ଆସୁଥିଲେ। ତେବେ ଟିପିଏସଓଡିଏଲ ତରଫରୁ ସମସ୍ତ ସୁରକ୍ଷା କିଟ୍ ପ୍ରଦାନ କରାଯାଉଥିଲେ ମଧ୍ୟ କିଭଳି ସୁଶାନ୍ତ ବିଦ୍ୟୁତ ସଂସ୍ପର୍ଶରେ ଆସିଲେ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


10001/39/2627

ଓଡ଼ିଶା ଶାସନ

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0003

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

